# ମନସ୍ୱିନୀ

ମାନମୟୀ ! ଦୀର୍ଘ ସୃଜନୀର ଅନ୍ତେ
ଶୁଖାଇଲ କବିତାର ଶାଶ୍ୱତ ଝରଣ
କବି ଭାଳେ ବନାନୀର ଅମୃତ ସୋପାନେ
ମିଶିଗଲ ଅମୃତରେ ନୁହେଁ ଯା ମରଣ ।
ମୁଁ ଦେଖଇ ତୁମ ଛବି ମୋ ମନର ଆଇନାରେ
ମନେ ନେଇ ଅଫୁରନ୍ତ ଭାବନା
ସୁନ୍ଦର ପ୍ରତୀତି ଯେତେ ଅନ୍ତ ଲଭେ ଚିର
ଯାହା ତୁମ କବିତାର ଉର୍ଜ୍ଜସ୍ୱଳ ସର୍ଜନା ।
ଖୋଜଇ ମୁଁ ପ୍ରତିପର୍ଣ୍ଣେ ପ୍ରତିଟି ଅଙ୍ଗନେ
ତୁମର ସେ ଅନବଦ୍ୟ ସୃଷ୍ଟି ରୂପାୟନ
ମନ କିନ୍ତୁ ବୁଝେ ନାହିଁ ଆଗୋ ମନସ୍ୱିନୀ
ସୃଷ୍ଟି ତୁମ ସାର୍ଥକର ଅମୃତ ଲପନ ।
ବାସ୍ାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋ ପରାଣି
ଜାଳି ଅଖଣ୍ଡ ସଳିତା ଏ ସୁନ୍ଦର ଭୂମେ
ଦିବ୍ୟଧାମେ  ମହାଯାତ୍ରା କଲ ମନସ୍ୱିନୀ ।
ଅନନ୍ତ ଆକାଶେ ଚାହିଁ ଦେଖୁଥିବି ତୁମଛବି
ପ୍ରତିଛତ୍ରେ ପ୍ରତିପର୍ଣ୍ଣେ ଚିର
ତୁମେ ଯେ ଅମର କବି କବିତାର ଛତ୍ରେ
ମୃତ୍ୟୁ ସତେ ତୁମ ପାଇଁ କେତେ ଯେ ଉଦାର ।
ଆସ ଆସ ଏ ପୃଥ୍ୱୀର ଯେତେ କବି
ଯେତେ କବୟତ୍ରୀ ରଚ ଇତିହାସ ସ୍ୱାଭିମାନେ
ନିଅ ଅନନ୍ତ ଶପଥ ମନସ୍ୱିନୀ ସମ
ରଚିଯାଅ କାବ୍ୟଗୁଚ୍ଛ ନୀରବେ ବିଜନେ ।

□□□